ओ३म्
कृण्वन्तो विश्वमार्यम्

# ବୈଦିକ ସଂସ୍କୃତି ସୁଧା

# VEDIC SANSKRITI SUDHA

(ବୈଦିକ ଶିକ୍ଷା ସଂସ୍କୃତି ଆଧାରିତ ସାହିତ୍ୟକ ପାକ୍ଷିକ)

*-: A Journal of Vedic Sanskriti Parishad :-*



## ମହର୍ଷି ଦୟାନନ୍ଦ ସରସ୍ୱତୀ

March - 2019 (I & II) ମାର୍ଚ୍ଚ - ୨୦୧୯ (୧ମ ଓ ୨ୟ)
ସୃଷ୍ଟି ସମ୍ବତ୍ - ୧୯୬୦୮୫୩୧୧୯ ସମ୍ବତ୍ - ୨୦୭୫

ସଂପାଦକ : ପଣ୍ଡିତ ଧନେଶ୍ୱର ବେହେରା

# ସାନନ୍ଦଂ ସୁଲଭଂ ଭବେଦ୍ ଗୁରୁକୁଳମ୍

କର୍ମଯୋଗୀ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ପ୍ରତିଷ୍ଠିତ ଓଡ଼ିଶାର ସର୍ବ ପ୍ରଥମେ ଗୁରୁକୁଳୀୟ ଶିକ୍ଷାନୁଷ୍ଠାନ ଗୁରୁକୁଳ ବୈଦିକ ଆଶ୍ରମ, ବୈଦିକ ଶିକ୍ଷା ସଂସ୍କୃତିର ପ୍ରାଣକେନ୍ଦ୍ର ରୂପେ ପ୍ରତିଷ୍ଠା ଲାଭ କରିଛି । ବର୍ତ୍ତମାନ ଏଠାରେ ୨୦୭ ଜଣ ବ୍ରହ୍ମଚାରୀ ମଧ୍ୟମା (୧୦ମ ଶ୍ରେଣୀ) ପର୍ଯ୍ୟନ୍ତ ନିଃଶୁଳ୍କ ଶିକ୍ଷା ଲାଭ କରୁଛନ୍ତି । ଅସହାୟ ଅନାଥ ପିଲାମାନଙ୍କର ରକ୍ଷଣା ବେକ୍ଷଣ ସହିତ ଶିକ୍ଷା ତଥା ସୁନାଗରିକ ଗଠନ କରିବା ଅନୁଷ୍ଠାନର ମୂଳ ଲକ୍ଷ୍ୟ ।

## ବିଷୟ ଅନୁକ୍ରମଣିକା :-


୧- ବୈଦିକ ପ୍ରାର୍ଥନା (ବେଦାମୃତ)

୨- ମହାଶିବରାତ୍ରିରେ ମହର୍ଷି ଦୟାନନ୍ଦ (ସଂପାଦକୀୟ)

୩- ସତ୍ୟର ମହିମା

୪- "ମହର୍ଷି ଦୟାନନ୍ଦ ଏବଂ ନାରୀସଶକ୍ତିକରଣ" ଏକ ଐତିହାସିକ ପର୍ଯ୍ୟାଲୋଚନା

୫- Get up to strengthen the Nation

୬ - ସମୟର ସଦୁପଯୋଗ

୭ - ଆତ୍ମ ନିରୀକ୍ଷଣ

୮ - ଷଡ ଦର୍ଶନ ସମନ୍ୱୟ

୯ - ସମୀଚୀନ ସମ୍ବାଦ ସାର




## "ବୈଦିକ ସଂସ୍କୃତି ସୁଧା" ପରିବାର


*ସଂପାଦକ*

-ପଣ୍ଡିତ ଧନେଶ୍ୱର ବେହେରା

*ପ୍ରବନ୍ଧ ସଂପାଦକ*

ଡ଼. ଉମାକାନ୍ତ ପଣ୍ଡା

***ସହ ସଂପାଦକ***

ଶ୍ରୀ ନୃସିଂହ ଚରଣ ସାମଲ

***ପରିଚାଳନା ସଂପାଦକ***

ଡ଼. ବୁଦ୍ଧେଶ୍ୱର ଷଡ଼ଙ୍ଗୀ

- ଯୋଗାଯୋଗ ଠିକଣା -

ସଂପାଦକ, ବୈଦିକ ସଂସ୍କୃତି ସୁଧା, ପୋଃଅଃ - ବେଦବ୍ୟାସ

ରାଉରକେଲା - ୪, ଜିଲ୍ଲା - ସୁନ୍ଦରଗଡ଼ (ଓଡ଼ିଶା)

ଫୋନ୍ : ୯୪୩୮୪୪୧୨୨୭

(ओ३म्)

# ବୈଦିକ ସଂସ୍କୃତି ସୁଧା

# वैदिक संस्कृति सुधा

**जगति सिध्यति विज्ञजनेषु या**
**नयति मोक्षपथं विबुधान् सदा।**
**मधुर वेदकथा-समुह प्रसुः**
**वहति वैदिक संस्कृति सा सुधा॥**

(ବୈଦିକ ଶିକ୍ଷା ସଂସ୍କୃତି ଆଧାରିତ ସାହିତ୍ୟିକ ପାକ୍ଷିକ)



| | | |
|---|---|---|
| ୩୯ଶ ବର୍ଷ<br>୨୩ଶ ଓ ୨୪ଶ ସଂଖ୍ୟା | ମହାଶିବରାତ୍ରୀ ଓ ଋଷିବୋଧ<br>ବିଶେଷାଙ୍କ ମାର୍ଚ୍ଚ - ୨୦୧୯ | ବାର୍ଷିକମୂଲ୍ୟ ଟ୧୨୦.୦୦ଙ୍କା<br>ପ୍ରତି ଖଣ୍ଡ ଟ୫.୦୦ ଙ୍କା |



## ବୈଦିକ ପ୍ରାର୍ଥନା :-

## -: ବେଦାମୃତ :-

**ଓ୩ମ୍ ଦେବ ସବିତଃ ପ୍ରସୁବ ଯଜ୍ଞଂ ପ୍ରସବ ଯଜ୍ଞପତିଂ ଭଗାୟ ।**
**ଦିବ୍ୟୋ ଗନ୍ଧର୍ବଃ କେତପୂଃ କେତଂ ନଃ ପୁନାତୁ**
**ବାଚସ୍ପତିର୍ବାଚଂ ନଃ ସ୍ୱଦତୁ ॥**

**(ଯଜୁ: ୧୧-୭)**

ହେ ଅଖଣ୍ଡ, ଅନୁକୂଳ, ଜ୍ଞାନମୟ ପରମାତ୍ମନ୍ । ଆମର ପ୍ରାର୍ଥନା ସ୍ୱୀକାର କରନ୍ତୁ । ହେ ପ୍ରକାଶସ୍ୱରୂପ, ସକଳ ଜଗତର ଉତ୍ପାଦକ, ଅଲୌକିକ, ବେଦବାଣୀର ସ୍ରୋତ, ବୁଦ୍ଧି ପବିତ୍ରକାରୀ, ବାଣୀରକ୍ଷକ ପ୍ରଭୋ ! ଆମ୍ଭମାନଙ୍କ ବୁଦ୍ଧିକୁ ପବିତ୍ର କରନ୍ତୁ ଏବଂ ଆମ୍ଭର ବାଣୀକୁ ମଧୁର କରନ୍ତୁ ।

*Oh, unimpairable, Favourable, all knowledge, Almighty God ! Accede to our request. Oh self-effulgent, creator of the universe, Divine Source of the Vedas, purifier of intellect, protector of speech, omniscient God ! Purify our understanding and sweeten our speech.*

ସମ୍ପାଦକୀୟ...........

# ମହାଶିବରାତ୍ରିରେ ମହର୍ଷି ଦୟାନନ୍ଦ

ମହାଶିବରାତ୍ରୀ ସମଗ୍ର ମାନବଜାତିର ଏକ ଅପ୍ରମିତ ପର୍ବ । ଏହା କେବେ ଆରମ୍ଭ ହୋଇଛି ନିର୍ଦ୍ଦିଷ୍ଟ ଭାବେ ଅବଗତ ହେଉନଥିଲେ ମଧ ଭାରତରେ ପ୍ରତିବର୍ଷ ଫାଲ୍ଗୁନ କୃଷ୍ଣ ଚତୁର୍ଦ୍ଦଶୀ ତିଥିରେ ଅତି ନିଷ୍ଠାର ସହିତ ରାତ୍ରୀ ଜାଗରଣ ଦ୍ୱାରା ଶିବଭକ୍ତ ଗଣ ଶିବୋପସନା କରି ନିଜକୁ ଧନ୍ୟ ମନେ କରନ୍ତି । ଶିବପୁରାଣ କଥାବସ୍ତୁ ଉପରେ ଏହି ପର୍ବର ପ୍ରଚଳନ ଅନେକ ଦିନରୁ ଚଳି ଆସୁଛି । ଆର୍ଯ୍ୟ ସମାଜ ଇତିହାସରେ ଏହି ପବିତ୍ର ଶିବରାତ୍ରୀର ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ସଂସାରର ଏକ ସାଧାରଣ ଘଟଣା ମହାପୁରୁଷଙ୍କ ଜୀବନରେ ପରିବର୍ତ୍ତନ ଓ କ୍ରାନ୍ତି ଆଣିଥାଏ । ମହର୍ଷି ଦୟାନନ୍ଦଙ୍କ ଜୀବନରେ ମହାଶିବରାତ୍ରୀ ଦିନେ ଶିବବୋଧ, ସତ୍ୟବୋଧ ଏବଂ ଆତ୍ମବୋଧ କରାଇପାରିଥିଲ ।

ମହର୍ଷି ଦୟାନନ୍ଦଙ୍କୁ ପିଲାଦିନେ ଶ୍ରଦ୍ଧାରେ ମୂଳଶଙ୍କର ନାମରେ ଡାକୁ ଥିଲେ । ୧୮୩୮ ମସିହାରେ ଏକ ଅବିସ୍ମରଣୀୟ ଘଟଣା । ବାଳକ ମୂଳଶଙ୍କରକୁ ସେତେବେଳେ ମାତ୍ର ୧୪ବର୍ଷ ହୋଇଥାଏ । କିଶୋର ଅବସ୍ଥାରେ ଶିବରାତ୍ରି ଜାଗରଣର କଠୋର ବ୍ରତ ତାଙ୍କ ପକ୍ଷେ କଷ୍ଟକର ହୋଇଥିଲେ ମଧ ତାଙ୍କର ଆଗ୍ରହ ଏବଂ ପିତାଙ୍କ ଆଦେଶ ଏକ ଅଦ୍ଭୁତ ପ୍ରେରଣା ଯୋଗାଇଥିଲା । ପବିତ୍ର ମହାଶିବରାତ୍ରୀରେ ଭଗବାନ ଶିବଙ୍କର ଜ୍ୱଳନ୍ତ ଦୈବୀପ୍ରକାଶ ପ୍ରତିଭାତ କରି ରାତ୍ରିଜାଗରଣର ଯେଉଁ ଅଭିନବ ସନ୍ଦେଶ ପ୍ରଦାନ କରିଛନ୍ତି, ତାହା ଆଜି ମାନବମାତ୍ରେ କଲ୍ୟାଣକାରୀ ହୋଇପାରିଛି । ତାଙ୍କର ହୃଦୟରେ ଜ୍ଞାନର ଅଗ୍ନି ପ୍ରଜ୍ୱଳିତ ହୋଇଥିଲା । ବିଚାର ଜାଗୃତ ହେଲା । ଏକ ସାଧାରଣ ଘଟଣାକୁ କେନ୍ଦ୍ର କରି ଯେଉଁ ସତ୍ୟର ଜାଗୃତି ଉତ୍ପନ୍ନ ହୋଇଥିଲା ତାହା ଆଜି ପର୍ଯ୍ୟନ୍ତ କୌଣସି ସ୍ଥାନରେ ଲୁକ୍କାୟିତ ହୋଇରହିନାହିଁ । ଘଟଣା ରହସ୍ୟମୟ ହୋଇଥିଲେ ସତ୍ୟର ପ୍ରକାଶ ସମ୍ଭବ ହୋଇଥାନ୍ତା । ଯେପରି ସିଦ୍ଧାର୍ଥ ଜାଗ୍ରତ ହେବା ପରେ ବୁଦ୍ଧରେ ପରିଣତ ହୋଇଥିଲେ, ସେହିପରି ମୂଳଶଙ୍କର ସତ୍ପ୍ରବୋଧ ଦ୍ୱାରା ମହର୍ଷି ଦୟାନନ୍ଦ ହେଲେ ।

ଆର୍ଯ୍ୟ ସମାଜ ଇତିହାସରେ ଏହି ପର୍ବ ସଦୈବ ପ୍ରେରକ ସ୍ମରଣୀୟ ଏବଂ ବନ୍ଦନୀୟ ହୋଇରହିବ । ଏଣୁ ଏହି ମହାଶିବରାତ୍ରୀ ଦିନଟି ସମଗ୍ର ଆର୍ଯ୍ୟ ଜଗତରେ ଋଷିବୋଧ ଉତ୍ସବ ରୂପେ ପାଳିତ ହୋଇଆସୁଛି । ଶିବରାତ୍ରିର ଘନ ଅନ୍ଧକାର ମଧ୍ୟରୁ ସେ ଯେଉଁ ଦିବ୍ୟାଲୋକର ସନ୍ଧାନ ଦେଇପାରିଛନ୍ତି, ତାହା ଯୁଗ ଯୁଗ ଧରି ଆଲୋକ ପ୍ରଦାନ କରୁଥିବ । ସେହି ଆଲୋକ ପଥରେ ଗତି କରିବା ନିମିତ୍ତ ପ୍ରତିବର୍ଷ ମହାଶିବରାତ୍ରି ସ୍ମରଣ କରାଯାଏ । "ନମଃ ଶିବାୟ ଚ ଶିବ ତରାୟଚ" ବେଦବାଣୀରେ ନିଜକୁ ଈଶ୍ୱରଙ୍କଠାରେ

ସମର୍ପଣ କରିବାଦ୍ୱାରା ସତ୍ୟ ଶିବ ସନ୍ଧାନର ମାର୍ଗ ଉନ୍ମୁକ୍ତ ହୋଇଥାଏ ।

ସମ୍ପ୍ରତି ଆତ୍ମବିଶ୍ଳେଷଣର ସମୟ ଆସିଛି । ନିତ୍ୟ ପ୍ରତି ଯାହା ଘଟୁଛି କାହାରିକୁ ଅଜଣା ନାହିଁ । ଗଣମାଧ୍ୟମ ପ୍ରତ୍ୟେକ ବିଷୟକୁ ଠିକ୍ ରୂପେ ଉପସ୍ଥାପନା କରିବାରେ ସର୍ବଦା ତତ୍ପର । ପ୍ରତିବର୍ଷ ନୂତନ ନୂତନ ଧର୍ମପୀଠ, ମନ୍ଦିରମାନ ନିର୍ମିତ ହେଉଛି । ସଦ୍‌ବିଚାର, ସଦାଚାର ପ୍ରଚାର ଉଦ୍ଦେଶ୍ୟରେ ବିଭିନ୍ନ ସ୍ଥାନରେ ଆଧ୍ୟାତ୍ମିକ ପ୍ରବଚନର ଆୟୋଜନ କରାଯାଉଛି । ବିଜ୍ଞାନର ପ୍ରଗତି ଭୌତିକ ଉନ୍ନତିର ଚରମ ସୀମାରେ ପହଞ୍ଚାଇ ଦେଇଛି । କିନ୍ତୁ ଭକ୍ତ ଓ ଭକ୍ତି, ସାଧକ ଓ ସାଧନା, ତ୍ୟାଗୀ ଓ ତ୍ୟାଗ ମଧ୍ୟରେ ଦୂରତା ବୃଦ୍ଧି ପାଉଛି । କେହି ଦୃଢ଼ ଭାବରେ କହିପାରୁନାହିଁ ଯେ, ସେ ପ୍ରକୃତ ପକ୍ଷେ କହିବାକୁ ଗଲେ ଆଧ୍ୟାତ୍ମିକ ଉତ୍‌ଥାନ ବିନା କୌଣସି ନୀତି ବା ପଦାର୍ଥ କାହାରିକୁ ଶାନ୍ତି ପ୍ରଦାନ କରିପାରୁନାହିଁ ଏହା ଚିରନ୍ତନ ହୋଇ ସତ୍ୟ ହୋଇଥିଲେ ମଧ୍ୟ ନିଜକୁ ଭୌତିକ ଉନ୍ନତିରେ ଛନ୍ଦି ହୋଇରହିଯାଉଛନ୍ତି ।

ଏସବୁ ଦୃଷ୍ଟିରୁ ଆତ୍ମଚିନ୍ତନର ଆବଶ୍ୟକତା ରହିଛି । ଏଣୁ ଶିବରାତ୍ରିର ଜାଗରଣ ମଧ୍ୟରୁ ପ୍ରତ୍ୟେକ ଆଲୋକର ଅନୁସନ୍ଧାନ କଲେ ଜୀବନର ମାର୍ଗ ଦର୍ଶନ ସମ୍ଭବ ହୋଇପାରିବ । ପ୍ରତ୍ୟେକ ନିଜ ମଧ୍ୟରେ ସତ୍ୟର ମାର୍ଗ ଦେଖିପାରିବେ । ଶିବରାତ୍ରିର ଜାଗୃତି ହିଁ ଶାନ୍ତିର ପଥ ପ୍ରଦର୍ଶନ କରାଇପାରିବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ପ୍ରଥମେ ମନର ପବିତ୍ରତା ଆବଶ୍ୟକ ।

"ଯେ ଜାଗାରଃ ତଂ ଋଚଃ କାମୟନ୍ତେ" ଅର୍ଥାତ୍ ଯେ ଜାଗ୍ରତ ରହିଛି, ସମସ୍ତେ ତାଙ୍କର ପୂଜା କରନ୍ତି । ଏଣୁ ସମସ୍ତେ ଏହି ଜାଗୃତିର ପଥ ଅନୁସରଣ କରିବା ଉଚିତ । ଋଷିଭକ୍ତଗଣ ଶିବରାତ୍ରିର ସନ୍ଦେଶ ଗ୍ରହଣ କରି ଜାଗ୍ରତ ହୁଅନ୍ତୁ । ଆତ୍ମବିଶ୍ଳେଷଣ ଓ କର୍ତ୍ତବ୍ୟବୋଧର ଚିନ୍ତନ ଅବସରରେ ମହର୍ଷି ଦୟାନନ୍ଦଙ୍କ ପ୍ରଦର୍ଶିତ ମାର୍ଗ ଅନୁସରଣ କଲେ ଆର୍ଯ୍ୟତ୍ୱପୂର୍ଣ୍ଣ ଜୀବନ ସମ୍ଭବ ହୋଇପାରିବ ।

**ପିତା ନୋଽସି ପିତା ନୋ ବୋଧି ।** (ଯଜୁ : ୩୭/୨୦)

ହେ ପରମେଶ୍ୱର ! ଆପଣ ଆମର ପରମ ପିତା ଅଟନ୍ତି,
ଆପଣ ଆମକୁ ବୋଧ ଦିଅନ୍ତୁ, ଆମକୁ ସାବଧାନ କରାନ୍ତୁ ।

(ଜାଗୃତି ଭାବନା)

# ସତ୍ୟର ମହିମା

- ସ୍ୱାମୀ ଯଜ୍ଞମୁନି

ଯୁଗ ପ୍ରବର୍ତ୍ତକ ମହର୍ଷି ଦୟାନନ୍ଦ ସରସ୍ୱତୀ ଆର୍ଯ୍ୟସମାଜ ଚତୁର୍ଥ ନିୟମରେ ଉଲ୍ଲେଖ କରିଛନ୍ତି - " ସତ୍ୟକୁ ଗ୍ରହଣ କରିବା ତଥା ଅସତ୍ୟକୁ ପରିତ୍ୟାଗ କରିବା ପାଇଁ ସର୍ବଦା ଯତ୍ନବାନ୍ ହେବା ଉଚିତ୍" ଅର୍ଥାତ୍ ସବୁବେଳେ ସତ୍ୟ କହିବା ଓ ସତ୍ୟକୁ ଭଲ ରୂପେ ବୁଝି ମାନିବା । ସତ୍ୟ ବଦ । ଧର୍ମଂ ଚର । ଧର୍ମାନ୍ନ ପ୍ରମଦିତବ୍ୟମ୍ ।- ଧର୍ମାଚରଣରେ କେବେ ପ୍ରମାଦ ନକରି ସତ୍ୟ କହିବା ଓ ଧର୍ମ କାମନା କରିବା ଉଚିତ ।

ଆଜି ପର୍ଯ୍ୟନ୍ତ ସଂସାରରେ ଯେତେ ମହାପୁରୁଷ ଜନ୍ମ ନେଇଛନ୍ତି ସେମାନେ ସତ୍ୟବାଦୀ ହୋଇପାରିଛନ୍ତି । ସତ୍ୟବାଦୀ ଧର୍ମରୂପୀ ଅଶ୍ୱରେ ବସି ଦୌଡ଼ି ପାରୁଛି ଏବଂ ନିର୍ଦ୍ଧାରିତ ସମୟ ପୂର୍ବରୁ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରୁଛି । ବେଦର ଉପାସକ ସତ୍ୟଂ-ଭାଷଣର ବ୍ରତ ଗ୍ରହଣ କରିଥାଏ ।

**ଅଗ୍ନେ ବ୍ରତପତେ ବ୍ରତଂ ଚରିଷ୍ୟାମି ତଚ୍ଛକେୟଂ**
**ତନ୍ମେ ରାଧ୍ୟତାମ୍ । ଇଦମହମନୃତାତ୍ ସତ୍ୟମୁପୈମି ॥**
**(ଯଜୁ : ୧/୫)**

ହେ ଅଗ୍ରଣୀ ! ବ୍ରତାଦି ରକ୍ଷକ ପରମାତ୍ମନ୍ ! ମୁଁ ବ୍ରତର ଆଚରଣ କରୁଛି । ମୋତେ ଏପରି ସାମର୍ଥ ଓ ଶକ୍ତି ପ୍ରଦାନ କରନ୍ତୁ, ଯେପରିକି ସେହି ବ୍ରତ ପାଳନ କରିବାରେ ସମର୍ଥ ହେବି । ମୋର ଏହି ବ୍ରତ ପୂର୍ଣ୍ଣ ହେଉ । ମୁଁ ଏହି ବ୍ରତ ଧାରଣ କରୁଛି କି ମୁଁ ଅସତ୍ୟ, ମିଥ୍ୟାଭାଷଣ ପରିତ୍ୟାଗ କରି ସତ୍ୟ ପ୍ରାପ୍ତ ହେବି ଏବଂ ପ୍ରତିଜ୍ଞା କରି କହୁଛି, "ସତ୍ୟଂ ବକ୍ଷାମି ନାନୃତମ୍" (ଅଥର୍ବ ୪.୯.୭) ସତ୍ୟ ହିଁ କହିବି, ଅସତ୍ୟ ନୁହେଁ ।

ସଂସାର ମଧ୍ୟରେ ସତ୍ୟର ବଡ ପ୍ରତିଷ୍ଠା ଓ ମହିମା ରହିଛି । ଦୁନିଆରେ ସତ୍ୟବାଦୀଠାରୁ ବଳି ସୁଯଶ ନାହିଁ । ଯେଉଁ ପଦାର୍ଥ ଯେପରି ତାକୁ ଠିକ୍ ରୂପେ ଜାଣିବା, ମାନିବା ତଥା କହିବା ହିଁ ସତ୍ୟ ଅଟେ । ଆମ ଶାସ୍ତ୍ରାଦିରେ ସତ୍ୟକୁ ତପ ଓ ଧର୍ମ କୁହାଯାଇଛି ।

ସତ୍ୟଠାରେ ପ୍ରକାଣ୍ଡ ଶକ୍ତି ଅଛି, ସତ୍ୟର ମହିମା ମହାନ୍ । ସତ୍ୟ ସବୁଠୁଁ ବଡ଼ ଧର୍ମ । ସତ୍ୟ ହିଁ ସ୍ୱର୍ଗ ସୁଖର ନିଶୁଣି ଅଟେ । ମହାଭାରତରେ ବର୍ଣ୍ଣିତ ଅଛି -

**"ନାସ୍ତି ସତ୍ୟାତ୍ ପରୋ ଧର୍ମୋ ନାନୃତାତ୍ ପାତକଂ ପରଂ ।"**

ସତ୍ୟଠାରୁ ବଳୀ ଯେ କୌଣସି ଧର୍ମ ନାହିଁ । ମିଥ୍ୟାଠାରୁ ବଳୀ କିଛି ପାପ ନାହିଁ । ଏଣୁ ଅସତ୍ୟକୁ ତ୍ୟାଗ କରି ଧର୍ମ ଗ୍ରହଣ କର । ସତ୍ୟ ମେବ ଜୟତେ । ସତ୍ୟର ସଦା ଜୟ ହୁଏ । ସତ୍ୟଦ୍ୱାରା ବ୍ୟକ୍ତି, ରାଜ୍ୟ, ରାଷ୍ଟ୍ର ସମୃଦ୍ଧ ହୁଏ । ରାଜା ହରିଶ୍ଚନ୍ଦ୍ର, ମର୍ଯ୍ୟାଦାପୁରୁଷ ରାମଚନ୍ଦ୍ର ସତ୍ୟ ଗ୍ରହଣ ଦ୍ୱାରା ମହାନ୍ ହୋଇପାରିଛନ୍ତି ।

# "ମହର୍ଷି ଦୟାନନ୍ଦ ଏବଂ ନାରୀ ସଶକ୍ତିକରଣ"
# ଏକ ଐତିହାସିକ ପର୍ଯ୍ୟାଲୋଚନା

- ଡକ୍ଟର.ରମାକାନ୍ତ ପଣ୍ଡା

ବିଂଶ ଶତାବ୍ଦୀର ପ୍ରାରମ୍ଭରେ ପ୍ରାଚ୍ୟ ଜଗତର ମହାନ ସଂସ୍କାରକ ମହର୍ଷି ଦୟାନନ୍ଦ ତଥା ପାଶ୍ଚାତ୍ ଜଗତର ମହାନ ଦାର୍ଶନିକ କାର୍ଲମାକ୍ସର ବାଣୀ ସମଗ୍ର ବିଶ୍ୱକୁ ଆନ୍ଦୋଳିତ କରିଥିଲା । ୧୮୨୪ ଖ୍ରୀ:ରେ ଜନ୍ମଗ୍ରହଣ କରିଥିବା ନାସ୍ତିକବାଦ ଏବଂ ଆସ୍ତିକବାଦର ପ୍ରତୀକ ଦୁଇ ମହାପୁରୁଷ ଆଜି ସର୍ବଜନବିଦିତ । ଭାରତ ବର୍ଷରେ ୧୮୦ ଗୋଟି ସ୍ମୃତିଗ୍ରନ୍ଥ ତଥା ୮୦ଗୋଟି ତାନ୍ତ୍ରିକ ଗ୍ରନ୍ଥାନୁସାରେ ପ୍ରଚଳିତ କର୍ମକାଣ୍ଡ ଯାହାକି ଆରଣ୍ୟକ ଗ୍ରନ୍ଥ, ବ୍ରାହ୍ମଣ୍ୟ ଗ୍ରନ୍ଥ ତଥା ଗୃହ୍ୟ ସୂତ୍ରର ପ୍ରଚାରକ ଯୁଧିଷ୍ଠିର ମିମାଂସକ, ଇନ୍ଦ୍ରଦେବ, ମୁନିଶ୍ୱରାନନ୍ଦ ତଥା ଓମ୍ ପ୍ରକାଶ ଆଦି, ପୌରାଣିକ କର୍ମକାଣ୍ଡୀ କୃଷ୍ଣଦେବ ଆଚାର୍ଯ୍ୟ ଏବଂ ଚନ୍ଦ୍ରଶେଖର ସମସ୍ତେ ଆମ ସଂସ୍କୃତିର ପ୍ରବାହକ । ଦକ୍ଷସ୍ମୃତି- ଶାସ୍ତ୍ର ଅନୁସାରେ ଯେଉଁ ଗୃହରେ ନାରୀ ଶିକ୍ଷିତ ନୁହେଁ ତାହା ଶ୍ମଶାନ ସଦୃଶ ଅର୍ଥାତ୍ "ଶ୍ମଶାନ - ତୁଲ୍ୟନି ଗ୍ରିହସ୍ଥାନୀ", କୌଳତନ୍ତ୍ରବାଦୀମାନେ "ଅସୂର୍ଯ୍ୟମ୍ ପଶ୍ୟା" ଅର୍ଥାତ୍ ନାରୀର ଶରୀର ଉପରେ ସୂର୍ଯ୍ୟକିରଣ ପଡ଼ିବ ନାହିଁ । ବାହାରକୁ ନଯିବା ପାଇଁ ଖଡ୍ଡୁ, ବଳା ପିନ୍ଧାଇ ଦିଆଯାଉଥିଲା । ପୁରୁଷମାନଙ୍କୁ ଦେଖିବା ପାଇଁ ଅନୁମତି ଦିଆଯାଉନଥିଲା । ଶଙ୍କରାଚାର୍ଯ୍ୟ ମଧ୍ୟ କହିଛନ୍ତି "ନରକସ୍ୟ ଦ୍ୱାର ନାରୀ" କିନ୍ତୁ ମଣ୍ଡନ ମିଶ୍ର ଏବଂ ଭାରତୀ ଦେବୀଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ ।

ଲୋକ ଉକ୍ତି ଅନୁସାରେ ପଣ୍ଡୁଙ୍କ ଦେହାନ୍ତ ପରେ ମାଦ୍ରିଙ୍କୁ ସତୀ ରୂପରେ ଦେଖାଯାଇଥିଲା । ଏହା, ଏକ ବିଭ୍ରାନ୍ତିକର ତଥ୍ୟ । ଯାହାକୁ ମାନି କରି ଭାରତ ବର୍ଷରେ ସତୀଦାହ ପ୍ରଥା ପ୍ରଚଳିତ ହେଉଛି । ଏପରିକି ରାଜସ୍ଥାନରେ ୧୮ବର୍ଷର ଝିଅ ରୂପ କୁମାରୀଙ୍କୁ ପୋଡି ଦିଆଗଲା । ମହାନ ସଂସ୍କାରକ ରାଜା ରାମମୋହନ ରାୟଙ୍କ ଭାଉଜକୁ ମଧ୍ୟ ଭାଇର ଚିତାଗ୍ନିରେ ପୋଡି ଦିଆଯାଇଥିଲା । ସର୍ବପ୍ରଥମେ ବୌଦ୍ଧ ଏବଂ ଜୈନ୍ୟମାନେ ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ, ସେଥିପାଇଁ ଶଙ୍କରାଚାର୍ଯ୍ୟ ବୌଦ୍ଧମାନଙ୍କୁ ଶୁଦ୍ରଙ୍କ ସହ ତୁଳନା କରିଥିଲେ । ଏଥିପାଇଁ ଗୋବିନ୍ଦ ପାଦଙ୍କୁ ବିଷମାନ କରିବାକୁ ପଡିଥିଲା ।

ସତ୍ୟାର୍ଥ ପ୍ରକାଶର ଗୃହସ୍ଥ ଆଶ୍ରମରେ ନାରୀମାନଙ୍କ ସ୍ଥିତି ଉପରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । ମହର୍ଷି ଦୟାନନ୍ଦ କାଶୀ, ମଥୁରା, ବୃନ୍ଦାବନ ଆଦି

ତୀର୍ଥସ୍ଥାନ ଭ୍ରମଣ କରି ବିଧବାମାନଙ୍କର ଦୁରବସ୍ଥା ଦେଖିଥିଲେ । ମାତା ସ୍ୱର୍ଗ ଓ ପିତା ସ୍ୱର୍ଗ ଏହା ଥିଲା ଏକ ଲୌକିକ ଶକ୍ତି । ସ୍ୱର୍ଗ ଶବ୍ଦର ଅର୍ଥ ଏଠାରେ ଉଲ୍ଲେଖ କଲେ ପ୍ରଯୁଜ୍ୟ ହେବ ଯଥା :- ସ୍ୱ ଅର୍ଥ ସୁଖ ବା ଶାନ୍ତି ର୍ଗ ଅର୍ଥାତ୍ ଗିଅତେ ବା ଜୀବନ ଯାପନ କରିବା ଶୈଳି, ସେଥିପାଇଁ ତ କୁହାଯାଏ "କୁମାରି ଶଙ୍ଖବତ୍" ଅର୍ଥାତ୍ ଭାରତୀୟ ଯୌଥ ପରିବାରରେ ସେ ସୁଖ ସଦୃଶ । ବିବାହ ପ୍ରକରଣରେ "ଇଦମ୍ ମନ୍ତ୍ର ନାରୀ ପଠେତ୍" ଅର୍ଥାତ୍ ନାରୀ ଶିକ୍ଷାଗ୍ରହଣ କରିପାରୁଥିଲା । ପୌରାଣିକ, "ଅଷ୍ଟବର୍ଷାଣୀ ଚ ଭବେତ୍ ଗୌରି, ନବ ବର୍ଷାଣୀ ଚ ରୋହିଣୀ" ଏହାକୁ କଦର୍ଥ କରିଥିଲେ ।

ମହର୍ଷି ଦୟାନନ୍ଦ ନ୍ୟାୟିକ ସିଦ୍ଧାନ୍ତ ଅର୍ଥାତ୍ (ପଞ୍ଚାୟବ) ଅନୁସାରେ ନାରୀ ଅବଳା କିମ୍ବା ଦୁର୍ବଳା ନୁହେଁ, ସେ ବୈଦିକ ଯୁଗରେ ଶିକ୍ଷାଗ୍ରହଣ କରିଥିଲା । ଅପସଂସ୍କୃତି ପ୍ରବେଶ ପରେ ନାରୀମାନଙ୍କ ଉପସ୍ଥିତି ତଥା ଶିକ୍ଷା ଉପରେ ଅଙ୍କୁଶ ଲଗାଯାଇଥିଲା । କୋଲକାତାର "ହୁଗୁଳି"ଠାରେ କେଶବ ଚନ୍ଦ୍ର ସେନ ଏବଂ "ବିଧବା ବିବାହ ମିମାଂସ"ର ରଚୟିତା ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ନାରୀ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ବେଦ, ବେଦାନ୍ତ, ଉପନିଷଦ ଏବଂ ସଂହିତାମାନଙ୍କରେ କୌଣସିଠାରେ ନାରୀ ଶିକ୍ଷାକୁ ବିରୋଧ କରାଯାଇନାହିଁ । ଗୋଟିଏ ପରିବାରରେ 'ମା' କେବଳ ତା'ର ସନ୍ତାନ ଏବଂ ସନ୍ତତିମାନଙ୍କୁ ଶିକ୍ଷିତ କରିପାରିବ । ପରିବାରରୁ ସମାଜ ତଥା ରାଷ୍ଟ୍ର କେବଳ ଉପକୃତ ନୁହେଁ ବରଂ ସୁସଙ୍ଗଠିତ ହୋଇପାରିବ । ସେଥିପାଇଁ ମହର୍ଷି ମନୁ କହିଛନ୍ତି :-

"ସ୍ତ୍ରିୟଃ ଶ୍ରିୟଶ୍ଚଗେହେଷୁ ନ ବିଶେଷୋସ୍ତି କଷ୍ଟନ" - (୯/୨୬) ଘରମାନଙ୍କରେ ସ୍ତ୍ରୀ ଏବଂ ଲକ୍ଷ୍ମୀଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ସେଥିପାଇଁ କର୍ମ, ପୂଣ୍ୟ ଓ ଧର୍ମର ମାର୍ଗକୁ ଠିକ୍ ରୂପେ ଜାଣିବା ପାଇଁ ବେଦ ହିଁ ମୂଳ ଅଟେ । ବେଦ ହିଁ ଧର୍ମର ଆଦିସ୍ରୋତ । ମନୁ କୁହନ୍ତି :- ବେଦୋଽଖିନୋ ଧର୍ମମୂଳମ୍" - ୨/୨୬ ।

*ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ*
*ବେଦବ୍ୟାସ, ରାଉରକେଲା -୪*
*ମୋ :- ୯୨୩୮୯୯୭୪୬୮*

●●●

# Get up to Strengthen the NATION

***- Mahatma Debesh Bhikshu***

"ଉତ୍ତିଷ୍ଠ ବ୍ରହ୍ମଣସ୍ପତେ" *Uttistha Brahmanaspate (Atharva Veda) Get up ! Oh you the master of all riches and wealth. Education and knowledge, great among the greats, be cautious, awake and rise so that you may be able to achieve your aim.*

*It is an order of the Vedas to all such persons who have the ability and capacity to make the Nations healthy, wealthy and strong. Because timid and weak and poor persons can hardly make there own living, then how can they contribute in making others. Only strong and determined persons, with the necessary intellect and knowledge, can lead a Nation onwards to happiness and prosperity.*

*Here the Vedas warn such persons not to be selfish or idle. but to work hard with their might and serve the country faithfully, so that it may have a place in the community of Nations in the worlds.*

ଯଥା ପିଣ୍ଡେ ତଥା ବ୍ରହ୍ମାଣ୍ଡେ *(Yatha pinde tatha Brahmande)- Our body is just like the universe. In our body there are organs of knowledge five in number Ceyes, ears, nose, skin and mouth) and organs ofactions (hands, legs, organs of urine, rectum and tongue). Similarly for a Nation both persons are most essential that these two work in harmony and*

*co-operation. If there two powers are there then the development follows in its wake and there is no dearth of riches of wealth.*

*Where the power of knowledge and power of sword are combined and work in harmony, the citizens of such a country are filled with patriotic feelings and such a country indeed blessed and progressive and developed.*

●●●

## ସମୟର୍ ସଦୁପଯୋଗ

**କାଲୋ ଅଶ୍ୱୋ ବହତି ।** (ଅଥର୍ବ : ୧୯-୫୩-୧)

(କାଲଃ ଅଶ୍ୱଃ) ସମୟରୂପୀ ଘୋଡା (ବହତି) ଦୌଡୁ ଅଛି । ଦିନ, ରାତି, ମାସ ଓ ବର୍ଷ ଅତିବାହିତ ହୋଇଯାଉଛି । ଆପଣ ଏହା ପଛରେ ଯେତେ ଅନୁଧାବନ କଲେ ମଧ ଯେଉଁ ସମୟ ଚାଲିଯାଉଛି, ତାହା କେବେ ପଛକୁ ଫେରୁ ନାହିଁ ।

ସ୍ୱାସ୍ଥ୍ୟ ହାନି ହେଲେ, ପୁନଃ ସ୍ୱାସ୍ଥ୍ୟ ଫେରିପାରିବ । ଧନ, ଧାନ୍ୟ ବୈଭବ ହରାଇ ଥିଲେ ପୁଣି ପ୍ରାପ୍ତ କରି ହେବ । ମନମାଳିନ୍ୟ ହୋଇଥିବା ବନ୍ଧୁଙ୍କ ସହିତ ପୁନଃ ସମ୍ପର୍କ ସ୍ଥାପିତ ହୋଇପାରିବ, କିନ୍ତୁ ଯେଉଁ ସମୟ ଅତିବାହିତ ହୋଇଯାଉଛି, ତାହା ହାତକୁ କେବେ ଫେରିପାରିବ ନାହିଁ ।

ଏଣୁ ସମୟର ସଦୁପଯୋଗ କରିବା ନିମିତ୍ତ ବେଦରେ ଥିବା ଉପଦେଶ ସମସ୍ତେ ଗ୍ରହଣ କରିଲେ ଜୀବନର ଉନ୍ନତି ସାଧିତ ହେବ ।

●●●

# ଆତ୍ମ-ନିରୀକ୍ଷଣ

ସଂ- ସାବିତ୍ରୀ ସାହୁ

୧ - ନିଜର କୃତ କର୍ମ ଉପରେ ବିଚାର କରିବା ଉଚିତ୍ ।

୨ - ସର୍ବଦା ସତ୍ୟମାର୍ଗରେ ଚାଲିବାକୁ ସଂକଳ୍ପ ଏବଂ ଈଶ୍ୱରଙ୍କ ପ୍ରତି ଦୃଢ଼ ବିଶ୍ୱାସ ରଖିବା ସମସ୍ତଙ୍କ କର୍ତ୍ତବ୍ୟ ।

୩ - ଯେଉଁମାନେ ନିଜ ଜୀବନର ଉନ୍ନତି କରିବାକୁ ଚାହୁଁଛନ୍ତି ସେମାନେ ପ୍ରଥମେ ନିଜ କର୍ମ ପ୍ରତି ଧ୍ୟାନ ଦେବା ଉଚିତ୍ ।

୪ - ଶରୀର ଏକ ବସ୍ତ୍ର ସଦୃଶ, ଆତ୍ମା ଏହାକୁ ପରିବର୍ତ୍ତନ କରିଥାଏ ।

୫ - ବିଦ୍ୟା ଧର୍ମଦ୍ୱାରା ଶୋଭାଯାଏ ।

୬ - ବ୍ରହ୍ମଚର୍ଯ୍ୟ ଓ ତପସ୍ୟା ଦ୍ୱାରା ମନୁଷ୍ୟ ମୃତ୍ୟୁକୁ ଜୟ କରେ ।

୭ - ଆତ୍ମ ସାହାଯ୍ୟ ହିଁ ସର୍ବଶ୍ରେଷ୍ଠ ସାହାଯ୍ୟ ।

୮ - ସବୁ ଦାନ ମଧ୍ୟରେ ବିଦ୍ୟା ଦାନ ଶ୍ରେଷ୍ଠ ଅଟେ ।

୯ - ବିଦ୍ୟା ଦ୍ୱାରା ବିନୟ ପ୍ରାପ୍ତ ଅଟେ ।

୧୦- ଯେ ପରକୁ ନିଜ ପରି ମନେ କରେ ତାକୁ ବିଦ୍ୱାନ କହନ୍ତି ।

୧୧- ଓମ୍ କ୍ରତୋସ୍ମର । ଅର୍ଥାତ୍ ପ୍ରତ୍ୟେକ 'ଓମ୍' କୁ ସ୍ମରଣ କରିବା ଉଚିତ୍ ।

୧୨- ସତ୍ୟ କହିବା ଦ୍ୱାରା ମନ ସୁଦ୍ଧ ଓ ପବିତ୍ର ହୁଏ ।

୧୩- ଯେଉଁଠାରେ ଧର୍ମ ସେଠାରେ ବିଜୟ ସୁନିଶ୍ଚିତ ।

୧୪- ଅଶାନ୍ତ ମଧ୍ୟରେ ଆତ୍ମଚିନ୍ତନ ଅସମ୍ଭବ ।

୧୫- ମନୁଷ୍ୟ ଜୀବନରେ ବିଚାର ଦ୍ୱାରା ବିଶେଷ ପ୍ରଭାବ ପଡିଥାଏ ।

୧୬- ବେଦ ବିଦ୍ୟା ପ୍ରତି ଦୃଢ ବିଶ୍ୱାସ ରଖି ଏହାର ଅଧ୍ୟୟନ ଓ ପ୍ରଚାର କରିବା ଉଚିତ୍ ।

୧୭- ବିଦ୍ୱାନ୍‌ମାନଙ୍କ ସଙ୍ଗ ସର୍ବଦା ସୁଖ ଶାନ୍ତି କରାଏ ।

୧୮- ସର୍ବଦା ଶୁଭ କର୍ମ କରିବାରେ ନିଜକୁ ନିୟୋଜିକ କରିବା ଉଚିତ ।

•••

# ଷଡ଼ଦର୍ଶନ ସମନ୍ୱୟ

- ଡ. ଜ୍ୱଳନ୍ତ କୁମାର ଶାସ୍ତ୍ରୀ

ଅନେକ ସମୟରେ ବିଦ୍ୱାନମାନଙ୍କର ଧାରଣ ରହିଛି ଯେ, ଭାରତୀୟ ବୈଦିକ ଷଡ ଦର୍ଶନରେ ପରସ୍ପର ବିରୋଧ ଭାବନା ରହିଛି । ବସ୍ତୁତଃ ଶାସ୍ତ୍ରକାରଙ୍କ ମତରେ ଏ ପ୍ରକାର ଭାବନା ନାହିଁ ଯେଉଁଠାରେ ଗୋଟିଏ ଅନ୍ୟକୁ ବିରୋଧ କରୁଛି । ସମ୍ପ୍ରଦାୟିକ ବ୍ୟାଖ୍ୟାକାରମାନେ ବିରୋଧର ଯେଉଁ ପ୍ରାଚୀର ତିଆର କରିଥିଲେ ତାହା ଦେଖି ମହର୍ଷି ଦୟାନନ୍ଦ ଷଡ୍ ଦର୍ଶନର ସମନ୍ୱୟର ମାର୍ଗ ଅତି ସରଳ ଭାବେ ପ୍ରଶସ୍ତ କରିଛନ୍ତି । ମହର୍ଷି କହିଛନ୍ତି - ଛଅ ଶାସ୍ତ୍ରରେ ଏହି ପ୍ରକାର ଅବିରୋଧ ଦେଖ, ମୀମାଂସାରେ - ଜଗତରେ ଏପରି କୌଣସି କାର୍ଯ୍ୟ ହୋଇନଥାଏ ଯାହା କରାଯିବାରେ 'କର୍ମ' ଚେଷ୍ଟା କରିନଥାଏ । ବୈଶଷିକରେ - ସମୟ ନ ଲାଗିଲେ କିଛି ହୁଏ ନାହିଁ । ନ୍ୟାୟରେ - ଉପାଦାନ ନ ହେଲେ କିଛି ହୋଇ ନଥାଏ । ସାଂଖ୍ୟରେ - ତତ୍ତ୍ୱରେ ମେଳ ନହେଲେ କିଛି ହୋଇପାରେ ନାହିଁ । ବେଦାନ୍ତରେ - ନିର୍ମାତା ନିର୍ମାଣ ନକଲେ କିଛି ହୋଇପାରେ ନାହିଁ । ଏଣୁ ସୃଷ୍ଟି ଛଅ କାରଣରୁ ହୋଇଥାଏ । ଏହି ଛଅ କାରଣ ଗୋଟିଏ ଗୋଟିଏ ଶାସ୍ତ୍ରରେ । ଏଠାରେ ବିରୋଧ କିଛି ନାହିଁ ।

ସୃଷ୍ଟି ରୂପେ କାର୍ଯ୍ୟରେ ବ୍ୟାଖ୍ୟା ଛଅ ଶାସ୍ତ୍ର ମିଳି କରି କରିଛନ୍ତି । ସତ୍ୟାର୍ଥ ପ୍ରକାଶର ଅଷ୍ଟମ ସମୁଲ୍ଲାସରେ - ଏକ ବିଦ୍ୟାରେ ଅନେକ ବିଦ୍ୟାର ଅବୟବ ପରସ୍ପର ଦ୍ୱାରା ଭିନ୍ନ ପ୍ରତିପାଦନ ହୋଇଥାଏ । ସେହି ପ୍ରକାର ସୃଷ୍ଟି ବିଦ୍ୟାରେ ଭିନ୍ନ ଭିନ୍ନ ଛଅ ଅବୟବ ଛଅ ଶାସ୍ତ୍ରରେ ପ୍ରତିପାଦନ କରିବା ଦ୍ୱାରା ଏଥିରେ କୌଣସି ବିରୋଧ ନାହିଁ ।

ସୃଷ୍ଟି ବିଜ୍ଞାନର ସ୍ପଷ୍ଟ ଅଭିବ୍ୟକ୍ତି ନିମିତ୍ତ ଅର୍ଥୋପାଦନର ସ୍ତର କେଉଁଠି କେଉଁଠି ପଦ୍ଧତି ଭେଦର କାରଣ ହୋଇଥାଏ । ଯେପରି ନ୍ୟାୟ-ବୈଶେଷିକ ସୃଷ୍ଟିର ମୂଳ ସ୍ତରର ବିବେଚନ ପ୍ରସ୍ତୁତ କରେ । ସାଂଖ୍ୟ ଅତି ସୂକ୍ଷ୍ମ, ପୂର୍ଣ୍ଣ ମୂଳତତ୍ତ୍ୱ ସ୍ତରର ବିବରଣ ଦିଏ । ଯୋଗ କେବଳ ସେହି ପ୍ରକ୍ରିୟାକୁ ପ୍ରକୃତି ପୁରୁଷ କିମ୍ବା ଜଡ଼ ଚେତନ ଭେଦର ସାକ୍ଷାତ୍କାର ହୋଇଥାଏ । ଷଡ ଦର୍ଶନରେ ଏହି ସମନ୍ୱୟ ବୁଦ୍ଧି ଦ୍ୱାରା ଭଲ ଭାବରେ ସିଦ୍ଧ ହୋଇଛି ଯେ, ନ୍ୟାୟ-ବୈଶେଷିକ, ସାଂଖ୍ୟ-ଯୋଗ ଆଦି ଦର୍ଶନରେ ଏକ ତତ୍ତ୍ୱ ଜ୍ଞାନର ପ୍ରତିପାଦନ କରୁଛି ।

•••

# ସମୀଚୀନ ସମ୍ବାଦ ସାର

● ସାର୍ବଦେଶିକ ଆର୍ଯ୍ୟଯୁବକ ପରିଷଦର ସ୍ୱର୍ଣ୍ଣ ଜୟନ୍ତୀ ସମାରୋହ :-

ଆଗାମୀ ୯,୧୦ ମାର୍ଚ୍ଚ ୨୦୧୯(ଶନିବାର ଓ ରବିବାର) ଦୁଇ ଦିନ ଧରି ହରିୟାଣାର ରୋହତକ ଜିଲ୍ଲାନ୍ତର୍ଗତ ଟିଟୌଲୀରେ ପ୍ରତିଷ୍ଠିତ ସ୍ୱାମୀ ଇନ୍ଦ୍ରବେଶ ବିଦ୍ୟାପୀଠରେ ସାର୍ବଦେଶିକ ଆର୍ଯ୍ୟ ଯୁବକ ପରିଷଦ ଓ ଆର୍ଯ୍ୟରାଷ୍ଟ୍ରର "ରାଜ ଧର୍ମ" ମାସିକ ପତ୍ରିକାର ସ୍ୱର୍ଣ୍ଣଜୟନ୍ତୀ ସମାରୋହ ଅନୁଷ୍ଠିତ ହେଉଛି । ଏହି ଅବସରରେ ୨୭ ଫେବୃୟାରୀ ୨୦୧୯ରୁ ୯ମାର୍ଚ୍ଚ ୨୦୧୯ ପର୍ଯ୍ୟନ୍ତ ଚତୁର୍ବେଦ ପାରାୟଣ ମହାଯଜ୍ଞ ଅନୁଷ୍ଠିତ ହେଉଛି । ଯୁବା ନିର୍ମାଣ ଅଭିଯାନକୁ ସଫଳ କରିବା ନିମିତ୍ତ ବହୁସଂଖ୍ୟାରେ ଯୋଗ ଦେବାକୁ ସଭାପ୍ରଧାନ ସ୍ୱାମୀ ଆର୍ଯ୍ୟବେଶଜୀ ନିବେଦନ କରିଛନ୍ତି ।

● ଗୁରୁକୁଳ ବୈଦିକ ଆଶ୍ରମର ୮୯ତମ ବାର୍ଷିକ ଉତ୍ସବ :-

କର୍ମଯୋଗୀ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ପ୍ରତିଷ୍ଠିତ ଗୁରୁକୁଳ ବୈଦିକ ଆଶ୍ରମ ବେଦବ୍ୟାସ, ରାଉରକେଲାର ୫୯ ତମ ବାର୍ଷିକ ମହୋତ୍ସବ, ଋଷିବୋଧ ଉତ୍ସବ ଏବଂ ସାମବେଦ ପାରାୟଣ ମହାଯଜ୍ଞ ତା ୨/୩/୨୦୧୯ରିଖରୁ ତା୪/୩/୨୦୧୯ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି । ଭାରତର ଲବ୍ଧ ପ୍ରତିଷ୍ଠା ବୈଦିକ ବିଦ୍ୱାନ୍ ସାଧୁ ସନ୍ଥ ଓ ଭଜନୋପଦେଶକ ମାନେ ନିମନ୍ତ୍ରିତ ହୋଇ ଯୋଗ ଦେଉଛନ୍ତି । ଏହି ବାର୍ଷିକ ଉତ୍ସବରେ ସପରିବାର ଓ ସମିତ୍ର ଯୋଗଦେଇ ସଫଳ କରିବାରୁ ପରିଚାଳନା ସମିତି ତରଫରୁ ନିବେଦନ କରାଯାଇଛି ।

ଓଓମ୍

ସ୍ୱତନ୍ତ୍ରତାର ପ୍ରଥମ ଉଦଘୋଷକ, ଯୁଗ ପ୍ରବର୍ତ୍ତକ, ଆର୍ଯ୍ୟସମାଜ ପ୍ରତିଷ୍ଠାତା



ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ

୧୯୬ତମ ଜନ୍ମ ଦିବସ

ଫାଲଗୁନ କୃଷ୍ଣ ଦଶମୀ ତିଥି ଶୁକ୍ରବାର ୧ ମାର୍ଚ୍ଚ ୨୦୧୯

ଅବସରରେ ଦେଶବାସୀଙ୍କୁ

ହାର୍ଦ୍ଦିକ ଶୁଭକାମନା

- ବୈଦିକ ସଂସ୍କୃତି ସୁଧା ପରିବାର

# DECLARATION

## (From -4, Rule -8)

Place of Publication :- Vedvyas, Rourkela (Odisha)

Periodicity of Publication - Fornightly

Language - Odia

Printer's Name - Pt. Dhaneswar Behera

Vedic Sanskriti Parishad, Vedvyas,

Rourkela (Odisha)

Nationality - Indian

Publisher's Name - Pt. Dhaneswar Behera

Vedic Sanskriti Parishad Vedvyas.

Rourkela (Odisha)

Nationality - Indian

Editor Name - Pt. Dhaneswar Behera

Vedic Sanskriti Parishad Vedvyas.

Rourkela (Odisha)

Nationality - Indian

Owner Name - Vedic Sanskriti Parishad

At/Po - Vedvyas.

Rourkela (Odisha)

I Pt. Dhaneswar Behera. declare that I am the Publisher of the "Baidik Sanskriti Sudha" on behalf of vedic Sanskriti Parishad and above Particulars are true to the best of my knowledge.

Pt. Dhaneswar Behera.

Vedic Sanskriti Parishad

Vedvyas, rourkela - 769004

Dis:- Sundargarh

## ଶ୍ରଦ୍ଧୟା ବିନ୍ଦତେ ବସୁ । (ଋକ୍:୧୦/୧୫୧/୪)

ଶ୍ରଦ୍ଧାଦ୍ୱାରା ଧନ ପ୍ରାପ୍ତି ହୁଏ । ଅନ୍ୟ ଅର୍ଥରେ ଈଶ୍ୱର ଓ ବେଦାଦି ଶ୍ରେଷ୍ଠ ଶାସ୍ତ୍ରାଦି ପ୍ରତି ବିଶ୍ୱାସ ଜନ୍ମେ । ଶ୍ରଦ୍ଧାଦ୍ୱାରା ମଧ୍ୟ ଜ୍ଞାନ ଓ ଈଶ୍ୱର ପ୍ରାପ୍ତି ହୋଇଥାଏ ।

ପାରିବାରିକ ସୁଖ, ମାନସିକ ଶାନ୍ତି, ସାମାଜିକ ସଦ୍‌ଭାବ, ରାଷ୍ଟ୍ରୀୟ ଚେତନା ପ୍ରାପ୍ତି ନିମିତ୍ତ "ବୈଦିକ ସଂସ୍କୃତି ସୁଧା" ବିଗତ ୩୯ ବର୍ଷ ଧରି ପ୍ରୟାସ କରିଆସୁଛି ।

ଏହାର ପୃଷ୍ଠପୋଷକତା ଏବଂ ଗ୍ରାହକ, ପାଠକ ସଂଖ୍ୟା ବୃଦ୍ଧି ବେଦପ୍ରେମୀ, ରାଷ୍ଟ୍ରଭକ୍ତ, ସଂସ୍କୃତି ଓ ସାହିତ୍ୟର ଉପାସକମାନଙ୍କ ଉଦାର ହୃଦୟରେ ସମ୍ଭବ ହୋଇପାରିବ । ଏଣୁ ଆଜୀବନ ସଦସ୍ୟ ଓ ସଂରକ୍ଷକ ସହାୟତା ମାଧ୍ୟମରେ ସ୍ଥିର ନିଧି କରାଯାଇ କ୍ଷୁଦ୍ର ପତ୍ରିକାଟିକୁ ଦୀର୍ଘସ୍ଥାୟି କରାଯିବାକୁ ଆଶା କରାଯାଇଛି । ଆଜୀବନ ସଦସ୍ୟ ଶୁଳ୍କ ଟ.୫୦୦୦ଙ୍କା ଏବଂ ସଂରକ୍ଷକ ଶୁଳ୍କ ଟ୫୦୦ଙ୍କା ସ୍ଥିର କରାଯାଇଛି । ଆପଣଙ୍କ ହାର୍ଦ୍ଦିକ ସହଯୋଗ *Cheque /Draft "Vedic Sanskriti Parisad"* ନାମରେ ଗ୍ରହଣ କରାଯାଇପାରିବ । କିମ୍ବା *A/c No.- 10157359308 SBI Branch* ରେ *Deposite* କରିହେବ । *IFSC :SBIN0004859*


(ଓମ୍) ପାହି ମାମ୍ । (ଯଜୁ : ୨-୧୬)

**O God ! protect me from all sides and in every way.**

*Sanjan Kumar Nayak (Lingu)*

**SRI MAA ENTERPRISES**

*Authorised Dealer : OCL Cement (Konark Brand)*

*M.S.Red,Visaka Asbestor & Concrete Mixture Machine,*

*Viabeter and all type of Building Materials.*

**S,M -110,Gopabandhu Nagar,chhend**

**Rourkela - 769015**

**Mob : 9861062262,9937097341,9338059087**

**VEDIC SANSKRITI SUDHA** **(Fortnightly)**
ବୈଦିକ ସଂସ୍କୃତି ସୁଧା (ପାକ୍ଷିକ) Regd No. 0-622

आर्यजगत के दानवीर भामाशाह श्रेष्ठी, अनेक समाजसेवी संस्थाओं के संस्थापक व पोषक, आर्यसमाज के गौरव एम.डी.एच. (महाशियाँ दी हट्टी) के चेयरमैन

# महाशय धर्मपाल आर्य

को भारत सरकार
द्वारा
**"पद्मभूषण सम्मान"**
के लिए
चयनित किये
जाने पर
हार्दिक
शुभकामनाएँ



**वैदिक संस्कृति परिषद**
वैदव्यास, राउरकेला, ओडिशा

Published, Printed and Edited by **Pt. Dhaneswar Behera** on Behalf of
Vedic Sanskriti Parishad, Vedvyas, Rourkela-41,(Odisha)
Printed at - **Das offset Printers**, Sarabati Bhawan, Opp: I.T Office,
Uditnagar, Rourkela-12,
Phone Editor's: 0661-2660945, Mob. 9438441227